## କୂଅରୁ ହାତୀକୁ ଉଦ୍ଧାର କଲେ ହାତୀ ପଲ

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ କବାଟଶୋଳ ଗ୍ରାମରେ ଶୁକ୍ରବାର ରାତିରେ କୂଅରେ ପଡ଼ିଥିବା ଏକ ହାତୀକୁ ଉଦ୍ଧାର କରିଛନ୍ତି ହାତୀ ପଲ। ରେଞ୍ଜର ଲକ୍ଷ୍ମୀଧର ବେହେରାଙ୍କ ସୂଚନା ଅନୁଯାୟୀ, ହରି ସିଂଙ୍କ ବାଡ଼ିରେ ଥିବା କୂଅରେ ଏକ ହାତୀ ପଡ଼ିଯାଇଥିଲା। ଗ୍ରାମବାସୀ ହାତୀକୁ ବାହାରକୁ ଆଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ହାତୀ ପଲ ଆସି ସେହି ହାତୀଟିକୁ କୂଅରୁ ଉଦ୍ଧାର କରିଥିଲେ।

## ଆଜି କ'ଣ କେଉଁଠି

**ଭଦ୍ରକ**

- ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ, ସ୍ଥାନ: ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗଣଶିକ୍ଷା ମନ୍ତ୍ରୀଙ୍କ ଗସ୍ତ, ବିଭିନ୍ନ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

**ବାଲେଶ୍ୱର**

- ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ। ସ୍ଥାନ: ଜିଲାପାଳଙ୍କ ଅଫିସ୍ ପରିସର। ସମୟ: ପୂର୍ବାହ୍ନ ୭ଟା ୩୦ମିନିଟ୍।
- ଫତେପୁର ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଦାସଙ୍କ ପ୍ରତିମୂର୍ତ୍ତୀ ଅନାବରଣ କାର୍ଯ୍ୟକ୍ରମ। ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ଫତେପୁର ହାଇସ୍କୁଲ ପରିସର।

# ସରକାରୀ ସ୍କୁଲ ଫଳାଫଳ ନେଇ ମନ୍ତ୍ରୀଙ୍କ ଉଦ୍‌ବେଗ

### ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ବାଲେଶ୍ୱର ଅଫିସ, ୨୫।୬**



ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

ବାଲେଶ୍ୱର ସହର ଗାନ୍ଧି ସ୍ମୃତି ଭବନ ପରିସରରେ ଶନିବାର ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସରକାରୀ ସ୍କୁଲର ଫଳାଫଳ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରଧାନଶିକ୍ଷକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଉପରେ ସଚେତନ ରହିବାକୁ ଚେତାବନୀ ଦେଇଛନ୍ତି। ସବୁ ଦିଗରେ ନିଜକୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କର ୫ମ ପାଳିରେ ସ୍ୱାସ୍ଥ୍ୟ ସହିତ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ୧୯୩୬ ମସିହାରେ ଭାଷା ଭିତ୍ତିକ ରାଜ୍ୟ ଗଠନ କରିବାରେ ଫକୀରମୋହନ ସେନାପତିଙ୍କୁ ମନେପକାଇ ତାଙ୍କର ଅବଦାନକୁ ବଜାୟ ରଖିବା ପାଇଁ ସମସ୍ତ ପ୍ରଧାନଶିକ୍ଷକମାନେ ଚେଷ୍ଟା ଜାରି ରଖିବା ଉଚିତ୍। ୨୦୩୬ ମସିହାର ତା'ର ଶତବାର୍ଷିକ ପାଳନ ସମୟରେ ଓଡ଼ିଶା ଯେପରି ଶିକ୍ଷାକ୍ଷେତ୍ରରେ ବିଶ୍ୱସ୍ତରୀୟ ହୋଇପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲଗୁଡ଼ିକୁ ନବକଳେବର ରୂପ ଦେଇଛନ୍ତି। ଜିଲାର ସମସ୍ତ ସ୍କୁଲକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ପ୍ରକାଶ କରିବା ସହ ଚଳିତବର୍ଷ ବେସରକାରୀ ବିଦ୍ୟାଳୟରୁ ୨ଲକ୍ଷ ଛାତ୍ରୀଛାତ୍ର ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇଥିବା ଶ୍ରେୟ ମଧ ପ୍ରଧାନଶିକ୍ଷକମାନଙ୍କୁ ଦେଇଥିଲେ। ଦୁଇବର୍ଷ କରୋନାରେ ପାଠ ପଢ଼ା ହୋଇ ନ ଥିବାରୁ ଚଳିତବର୍ଷ ଶିକ୍ଷାଭରଣ କାର୍ଯ୍ୟକ୍ରମ ମାଧ୍ୟମରେ ୮୦କୋଟି ଟଙ୍କା ବ୍ୟୟରେ ୩ୟରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୪୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ୧୨ହଜାର ୫ଶହ ରିସର୍ଚ୍ଚ ଶିକ୍ଷକ, ୨ଲକ୍ଷ ୫୦ହଜାର ପ୍ରଶିକ୍ଷକ ଶିକ୍ଷକ ସେମାନଙ୍କର ପାଠପଢ଼ାର ମାନକୁ ସୁଦୃଢ଼ କରିବାର କାର୍ଯ୍ୟକ୍ରମ ରହିଥିବା କହିଛନ୍ତି। ୫-ଟି ପରେ ୬-ଟି (କ୍ଷେତ୍ର ପରିଦର୍ଶନ)ରେ ପ୍ରତ୍ୟେକ ଡିଇଓ, ବିଇଓ ଓ ସିଆର୍‌ସିଙ୍କୁ ସ୍କୁଲଗୁଡ଼ିକୁ ପରିଦର୍ଶନ କରି ଶିକ୍ଷା ପ୍ରଦାନ, ସ୍ୱଚ୍ଛତା ଏବଂ ସମସ୍ୟାକୁ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକମାନେ ପଢ଼ିବେ, ଶିଖିବେ ଏବଂ ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ଉପରେ ଚଳିତବର୍ଷ ଅଧିକ ଫୋକସ୍ ରହିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସରକାରୀ ସ୍କୁଲରେ ଶିକ୍ଷକ ଥିବା ବ୍ୟକ୍ତିଜଣକ ନିଜ ସ୍କୁଲର ପଢ଼ା ଉପରେ ବିଶ୍ୱାସ ହରାଇ ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ପଢ଼ାଇବା ସେମାନଙ୍କ ପାଠପଢ଼ା ଉପରେ ବିଶ୍ୱାସ ହରାଉଥିବା ପ୍ରକାଶ କରି ଦୁର୍ବଳତାକୁ ସଜାଡ଼ି ନେବା ପାଇଁ ଚେତାବନୀ ଦେଇଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନଦଣ୍ଡ ବିଦ୍ୟାଳୟରୁ ସୁଦୃଢ଼ ହୋଇଥାଏ। ଶିକ୍ଷକମାନଙ୍କର ପରିଶ୍ରମର ଫଳ ଛାତ୍ରୀଛାତ୍ରମାନଙ୍କଠାରେ ପ୍ରତିଫଳନ ହୋଇଥାଏ ବୋଲି କହିଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ରାଜ୍ୟରେ ଥିବା ୧୦ଟି ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଫଳାଫଳ ଉତ୍ତମ ପ୍ରଦାନ କରୁଥିବା ବେଳେ ସରକାରୀ ବିଦ୍ୟାଳୟ କ'ଣ ପାଇଁ ହୋଇପାରୁନି ତା' ଉପରେ ପ୍ରଶ୍ନ ଉଠାଇଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସରକାରୀ ବିଦ୍ୟାଳୟରେ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦେବା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ୫-ଟି ମାଧ୍ୟମରେ ସରକାର ବିଦ୍ୟାଳୟଗୁଡ଼ିକର ପରିବେଶ ଏବଂ ଭିତ୍ତିଭୂମି ସଜାଡ଼ି ଦେଇଛନ୍ତି। ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକମାନଙ୍କର ଏକାଗ୍ରତା, ଆନ୍ତରିକତାର ଆବଶ୍ୟକତା ଯଥେଷ୍ଟ ମହତ୍ତ୍ୱ ରଖେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସମ୍ମିତ କୁମାର ନାୟକ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଆୟୋଜିତ ସମ୍ମିଳନୀରେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ। ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବେଦ ପାଠ, ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର


ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଥିବା ଶିକ୍ଷକ- କର୍ମଚାରୀମାନେ।

**ବାରିପଦା ଅଫିସ,୨୫।୬**

ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା)ର ଜିଲା ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଶିକ୍ଷକ-କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲା ଆବାହକ ଚିତ୍ତ ରଞ୍ଜନ ପାଲତାଙ୍କ ନେତୃତ୍ୱରେ କର୍ମଚାରୀମାନେ ସାକ୍ଷାତ କରି ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିଛନ୍ତି ।

ନୂତନ ଅନୁଦାନପ୍ରାପ୍ତ ସ୍କୁଲ ନିମନ୍ତେ ପ୍ରକାଶିତ ମୋଡାଲିଟିକୁ ସଂଶୋଧନ କରି ଅବିକଳ ସପ୍ତମ ବେତନ ପ୍ରଦାନ, ବାଦ ପଡ଼ିଥିବା ସ୍କୁଲର ଶିକ୍ଷକ-କର୍ମଚାରୀମାନଙ୍କୁ ଅନୁପାତିକ ହାରରେ ସପ୍ତମ ବେତନ ପ୍ରଦାନ,ଅଦ୍ୟାବଧି ଯୋଗ୍ୟ ବିବେଚିତ ହୋଇଥିବା ସ୍କୁଲ କଲେଜଗୁଡ଼ିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ସ୍କୁଲ ଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ଓ ଚାକିରି ସର୍ତ୍ତାବାଳୀ ଏବଂ ଅବସରକାଳୀନ ସୁବିଧା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଗ୍ରେଡ୍ ପେ ୧୭ଶହଟଙ୍କା ବୃଦ୍ଧି କରି ୭ମ ବେତନ ନିର୍ଦ୍ଧାରଣ, ଅବସର ସମୟସୀମା ୬୨ବର୍ଷକୁ ବୃଦ୍ଧି,ସରକାରୀ କର୍ମଚାରୀଙ୍କ ଭଳି ଏକ ଅନୁପାତ ଏକ ହାରରେ ଏମଏସିପିର ପ୍ରଚଳନକୁ ଯଥାଶୀଘ୍ର କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ସବୁ ସମସ୍ୟାଗୁଡ଼ିକ ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ଦାଶ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ବିଧାୟକ ରାଜକିଶୋର ଦାସ ଓ ଜିଲା ଶିକ୍ଷାଧିକାରୀ ନବ କିଶୋର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ମଧ୍ୟରେ ରାଜ୍ୟ ସମ୍ପାଦକ ଭରତ ଚନ୍ଦ୍ର ବରାଳ, ଜିଲା ସଭାପତି ସନ୍ତୋଷ କୁମାର କାସ୍ତ, ଯୁଗ୍ମ ସମ୍ପାଦକ କିଶୋର ଆଚାର୍ଯ୍ୟ, ପର୍ଶୁରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ମରାମତିବେଳେ ଚାର୍ଜ ହେଲା ୧୧କେଭି ତାର

### କର୍ମଚାରୀ ଗୁରୁତର

ବଡବିଲ, ୨୫।୬(ସ୍ୱ.ପ୍ର): କେନ୍ଦୁଝର ଜିଲା ବଡବିଲରେ ଜଣେ କାର୍ଯ୍ୟରତ କର୍ମଚାରୀ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିବା ଖବର ସାମ୍ନାକୁ ଆସିଛି। ଗୁରୁତର ଆହତ ଜଣକ ହେଲେ ଭବାନୀ ଶଙ୍କର ମହାନ୍ତ। ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ହେଁ ତାଙ୍କ ଶରୀରର କିଛି ଅଂଶ ଜଳିଯାଇଛି। ତେବେ ସେ ଏବେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ବଡବିଲ ଦଲକି ବସ୍ତି ନିକଟରେ ୧୧ କେଭି ବିଦ୍ୟୁତ ତାର ମରାମତି ଚାଲୁଥିଲା। ବିଦ୍ୟୁତ ବିଭାଗର ଜଣେ ଠିକା କର୍ମଚାରୀ ଭବାନୀ ଖୁଣ୍ଟରେ ଚଢ଼ି ଏକ ଜମ୍ପର ଖୋଲୁଥିଲାବେଳେ ହଠାତ ବିଦ୍ୟୁତ ଚାର୍ଜ କରିଦିଆଯାଇଥିଲା। ସେ ଖୁଣ୍ଟ ଉପରୁ ପ୍ରାୟ ୧୨ ଫୁଟ ତଳକୁ ଖସିପଡିଥିଲେ। ତେବେ ବିଭାଗର କେଉଁ ଅଧିକାରୀ ଇଙ୍ଗିତରେ କାର୍ଯ୍ୟ ଚାଲିଥିଲାବେଳେ ବିଦ୍ୟୁତ ଚାର୍ଜ କରାଗଲା ସେ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

## ସ୍କୁଟି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଚାନ୍ଦବାଲି, ୨୫।୬(ଡି.ଏନ.ଏ.)- ଚାନ୍ଦବାଲି-ଭଦ୍ରକ ମୁଖ୍ୟରାସ୍ତା ମହୁଲିଆ ଛକ ନିକଟରେ ଶନିବାର ସ୍କୁଟି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ମହୁଲିଆ ଗ୍ରାମର ଭୀମସେନ ପୋଥାଳ। ସୂଚନା ଅନୁଯାୟୀ, ସ୍କୁଟି ଚାଳକ ଜଣଙ୍କ ଚାନ୍ଦବାଲିରୁ ବାହାରି ଚନ୍ଦନପୁରକୁ ଯାଉଥିବା ସମୟରେ ମହୁଲିଆ ଛକ ନିକଟରେ ସାଇକେଲରେ ଆସୁଥିବା ଭୀମସେନ ଭାରସାମ୍ୟ ହରାଇ ସ୍କୁଟି ଆଗରେ ହଠାତ୍ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ସ୍କୁଟି ଚାଳକ ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ସହରର ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ

ବାଲେଶ୍ୱର ଅଫିସ, ୨୫।୬-ବାଲେଶ୍ୱର ଷ୍ଟେଶନ ଛକରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର ପୂର୍ବାହ୍ନରେ ନିକଟସ୍ଥ ଚା' ଦୋକାନରେ ପହଞ୍ଚି ଚା' ପିଇବା ସହ ଦୋକାନ ସମ୍ମୁଖ ଏବଂ ଆଖପାଖରେ ପଡ଼ିଥିବା ଅଳିଆ ତାଙ୍କ ଆଖିରେ ପଡ଼ିଥିଲା। ସେ ସମ୍ପର୍କରେ ଲୋକଙ୍କ ସହ ସେ କଥା ହୋଇଥିଲେ। ସେଠାରେ ଉପସ୍ଥିତ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଞ୍ଚଳ ଉପାଧ୍ୟକ୍ଷ କୈଳାସ ସେଠୀ, ୨୪ନଂ. କାଉନସିଲର ସେକ୍ ଆୟୁବ, ୧୯ନଂ. କାଉନ୍‌ସିଲରଙ୍କ ସ୍ୱାମୀ ବିଶ୍ୱଜିତ୍ ମହାପାତ୍ର, ୭ନଂ. କାଉନ୍‌ସିଲର ସାକିର ଖାନ, ପୂର୍ବତନ ପୌରାଞ୍ଚଳ ଉପାଧ୍ୟକ୍ଷ ମନୋଜ ରାଉତଙ୍କ ସହ ଆଲୋଚନା କରି ସହରର ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ବାରିପଦା ଅଫିସ,୨୫।୬- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସିଂହଟିଆ ଗ୍ରାମର ସାମାଜିକ କର୍ମୀ ଶ୍ରୀବତ୍ସ ଦଣ୍ଡପାଟ(୯୨)ଙ୍କ ଶନିବାର ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁତ୍ର, ପୁତ୍ରବଧୂ, ନାତୁଣୀନାତି, ୪ ଭାଇ,ବୋହୂ ଓ ପୁତୁରାମାନେ ଉପସ୍ଥିତ ଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବିଧାୟକଙ୍କୁ ଭେଟିଲା ଡ୍ରାଇଭର ସଂଘ

**ଭଦ୍ରକ ଅଫିସ, ୨୫।୬**

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ ଦଫା ଦାବି ପୂରଣ ପାଇଁ ଗତ ଏପ୍ରିଲ ୧୮ରେ ସଂଘ ପକ୍ଷରୁ ନବୀନ ନିବାସ ଆଗରେ ଧାରଣା ଦିଆଯାଇଥିଲା। ତିନିମାସ ଭିତରେ ସମସ୍ତ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହାମଧ୍ୟରେ ଦୁଇ ମାସ ବିତିଯାଇଥିଲେ ବି ଦାବି ପୂରଣ ହୋଇନାହିଁ କିମ୍ବା କୌଣସି ଖବର ମିଳି ନ ଥିବାରୁ ଶନିବାର ଭଦ୍ରକ ଜିଲାର ଡ୍ରାଇଭରମାନେ ଏକାଠି ହୋଇ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଭେଟି ବିଧାନସଭାରେ ଦାବିଗୁଡ଼ିକୁ ଉପସ୍ଥାପନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୧୦୦ କିଲୋମିଟର ଅନ୍ତରରେ ଏକ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା, ୫୫ବର୍ଷ ପରେ ପେନ୍‌ସନ, ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା ଆଦି ଦାବି ରହିଛି। ବିଧାୟକଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲା ସମ୍ପାଦକ ସୁଶାନ୍ତ ଜେନା, ଭଦ୍ରକ ସଦର ବ୍ଲକ ସମ୍ପାଦକ ରାହୁଲ କୁମାର ସେନ, କାର୍ଯ୍ୟାଳୟ ସମ୍ପାଦକ କାଳନ୍ଦୀ ନାୟକ, ପୌରପାଳିକା ସଂଘର ସମ୍ପାଦକ ପ୍ରଦୀପ ଦେ, ଉପସଭାପତି ଶ୍ରୀଧର ସାହୁ, ଲିପୁନ ରାୟ, ଶେଖ୍ ଗୁଲାମ, ଶେଖ୍ ନିଜାମ ପ୍ରମୁଖ ଉପସ୍ଥିତ ଥିଲେ।


ଡ୍ରାଇଭର ସଂଘ ପକ୍ଷରୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ତେଜୁଛି ଅସନ୍ତୋଷ


ବାଲିଆପାଳ ବ୍ଲକ ସଭା ଗୃହରେ ଅଭିଯୋଗ ଶୁଣାଣି କରାଯାଉଛି।

**ବାଲିଆପାଳ, ୨୫।୬(ସ୍ୱ.ପ୍ର.)**

### ଅଭିଯୋଗ ଶୁଣିଲେ ଉପଜିଲାପାଳ

ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ଷ୍ଟାଡ଼ିୟମରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣକୁ କେନ୍ଦ୍ର କରି ଦିନକୁ ଦିନ ଅସନ୍ତୋଷ ତେଜିବାରେ ଲାଗିଛି। ଏନେଇ ବାଲେଶ୍ୱର ଉପଜିଲାପାଳ କିଶୋର ସ୍ୱାଇଁ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ଓ ଆଇଆଇସି ପର୍ଶୁରାମ ସାହୁଙ୍କ ଉପସ୍ଥିତରେ ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିଛନ୍ତି।

ଅଭିଯୋଗକାରୀଙ୍କ ପକ୍ଷରୁ କଂଗ୍ରେସ ନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ, ବାଲିଆପାଳ ମହୋତ୍ସବ କମିଟି ସଭାପତି ସୁଶାନ୍ତ ଚକ୍ରବର୍ତ୍ତୀ, ରବି ନାରାୟଣ ମହାନ୍ତି, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ମଧୁସୂଦନ ସାହୁଙ୍କ ସହିତ ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଥିଲେ ଯେ ବାଲିଆପାଳର ଏକମାତ୍ର ଖେଳପଡ଼ିଆକୁ ବନ୍ଦ କରି ସେଥିରେ ବସ୍‌ଷ୍ଟାଣ୍ଡ କରା ନ ଯାଉ। ଏଠାରେ ପ୍ରତିବର୍ଷ ବାଲିଆପାଳ ମହୋତ୍ସବ ହେଉଛି। ଏକମାତ୍ର ଏହି ପଡ଼ିଆରେ ବସ୍‌ଷ୍ଟାଣ୍ଡ କରାଗଲେ ସବୁପ୍ରକାର କାର୍ଯ୍ୟକ୍ରମ ବନ୍ଦ ହେବ। ଖେଳ ପଡ଼ିଆ ସଂଲଗ୍ନ ତିନି ପାଖରେ ରହିଛି ବହୁ ସରକାରୀ ଜାଗା। ତାହା ଏବେ ଲୋକଙ୍କ କବ୍‌ଜାରେ ପ୍ରଥମେ ସରକାରୀ ଜାଗାକୁ ବାହାର କରାଯାଉ। ତା'ପରେ ଏଠାରେ ବସ୍‌ଷ୍ଟାଣ୍ଡ ହେବା ସହିତ ଖେଳପଡ଼ିଆ ମଧ୍ୟ ହେଉ ବୋଲି ବହୁ ବ୍ୟକ୍ତିମାନେ ମତ ଦେଇଥିଲେ। ଉପଜିଲାପାଳ ସ୍ୱାଇଁ ସମସ୍ତଙ୍କ ଅଭିଯୋଗ ଶୁଣି ପ୍ରଥମେ ଉକ୍ତ ସ୍ଥାନରେ ବସ୍‌ଷ୍ଟାଣ୍ଡ ହେବ ତା' ପରେ ଖେଳପଡ଼ିଆ କଥା ବିଚାର କରାଯିବ ବୋଲି କହିଥିଲେ। ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ବସ୍‌ଷ୍ଟାଣ୍ଡ ନିର୍ମାଣକୁ କେହି ବିରୋଧ କରନ୍ତୁ ନାହିଁ। ବସ୍‌ଷ୍ଟାଣ୍ଡ ପାଇଁ ଅର୍ଥ ମଞ୍ଜୁର ହୋଇଛି। ପୁଣି ଖେଳ ପଡ଼ିଆ ପାଇଁ ଅର୍ଥ ମଞ୍ଜୁର ହେଲେ ତା' କଥା ବୁଝାଯିବ। ଯେଉଁମାନେ ସରକାରୀ ଜାଗାକୁ ଅବରୋଧ କରିଛନ୍ତି ସେ ଜାଗାକୁ ନିଶ୍ଚିତ ଭାବେ ମାପ କରାଯାଇ ବାହାର କରାଯିବ। ତେବେ ଖେଳପଡ଼ିଆକୁ ପ୍ରଥମେ ମାପ କରାଯାଇ ସୀମା ନିର୍ଦ୍ଧାରଣ କରାଯିବ। ତା'ପରେ ଆଗ ବସ୍‌ଷ୍ଟାଣ୍ଡ ହୋଇସାରିବା ପରେ ଖେଳପଡ଼ିଆ ହେବ ବୋଲି ଉପଜିଲାପାଳ ସ୍ୱାଇଁ କହିଛନ୍ତି।

## ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**କେନ୍ଦୁଝର,୨୫।୬ (ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଦୈତାରୀ ଥାନା ଅଞ୍ଚଳରେ ଥିବା ଖସାପଦା ଗ୍ରାମର ଜଣେ ଯୁବକ ତାଙ୍କ ପଡିଶା ଘରେ ଗତ ଶୁକ୍ରବାର ଶୋଇଥିବା ଅବସ୍ଥାରେ ଆଲୁତମା ଗ୍ରାମର ପ୍ରହଲ୍ଲାଦ ଦେହୁରୀ ନାମକ ଜଣେ ଯୁବକ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ଚୈତନ୍ୟ ତନ୍ତୀ। ପୋଲିସ ସୂଚନା ଅନୁଯାୟୀ, ଚୈତନ୍ୟ ଓ ଅଭିଯୁକ୍ତ ପ୍ରହଲ୍ଲାଦ ଉଭୟ ରେଲୱାଗନ୍‌ରେ କାମ କରନ୍ତି। ଦିନବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାକୁ ରାଗ ରଖି ପ୍ରହଲ୍ଲାଦ ଚୈତନ୍ୟଙ୍କୁ ଶୋଇଥିବା ସମୟରେ ହତ୍ୟା କରିଥିଲେ। ଏନେଇ ଦୈତାରୀ ପୋଲିସ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ.୫୦/୨୦୨୨) ରୁଜୁ କରି ଅଭିଯୁକ୍ତ ପ୍ରହଲ୍ଲାଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା

**ଭଦ୍ରକ ଅଫିସ, ୨୫।୬**

ଭଦ୍ରକ ସହରରେ ଶନିବାର ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘ ଓ ସାମାଜିକ ସଙ୍ଗଠନ ସାଥୀ ମିଳିତ ଆନୁକୂଲ୍ୟରେ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରୁ ପଦଯାତ୍ରା ବାହାରି ସହର ପରିକ୍ରମା କରି ଭଦ୍ରକ ବାଇପାସ୍‌ଠାରେ ପହଞ୍ଚିଥିଲା। ସେଠାରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଲିଙ୍ଗଗତ ସମାନତା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ କିନ୍ନରମାନଙ୍କୁ ସମାନ ସୁବିଧା ସୁଯୋଗ ପାଇଁ ସଚେତନ କରାଯାଇଥିଲା। ସାଧାରଣ ଲୋକଙ୍କ ପରି ସମସ୍ତ କ୍ଷେତ୍ରରେ ସମାନ ଅଧିକାର ଲାଗି ସେମାନେ ସଂଘର୍ଷ ଜାରି ରଖିଥିବା କିନ୍ନର ମହାସଂଘର ସଭାପତି ସୌମ୍ୟା ଦାସ କହିଛନ୍ତି।

# ବୈତରଣୀ ନଦୀଘାଟ ସଫେଇ ସହ ଚାରାରୋପଣ

**ପାଟଣା,୨୫।୬(ସ୍ୱ. ପ୍ର.)**

ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଶନିବାର ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ପାଟଣାବ୍ଲକ ମୁଖ୍ୟାଳୟ ବୈତରଣୀ ନଦୀ ସଫେଇ ସହ ଶିବ ମନ୍ଦିର ସନ୍ନିକଟ ନଦୀକୂଳ ପଠାରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଦୀ ସୁରକ୍ଷା ସମିତି(ନମାମି ଗଙ୍ଗେ)ର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ, ଜିଲା ସଂଯୋଜକ ସୁବ୍ରତ ମହାନ୍ତି, ଭାଜପା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶବିର ଦାଶ, ବରିଷ୍ଠ ଭାଜପା ନେତା ଅଖିଳ ଚନ୍ଦ୍ର ନାଏକ, ଦୁର୍ଗା ଚରଣ ନାଏକ, ପାଟଣା ମଣ୍ଡଳ ସଭାପତି ଅଭୟ କୁମାର ବେହେରା, ବରିଷ୍ଠ ନେତା ହରିହର ମହାନ୍ତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମଲ୍ଲୀପଶି ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ପୁରୀରୁ ଆସିଲା ଫୁଲୁରି ତେଲ

**ପାଟଣା,୨୫।୬(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ମୁଷାଖରୀ ପଞ୍ଚାୟତ ମଲ୍ଲୀପଶି ରଥଯାତ୍ରା ସକାଶେ ସମସ୍ତ ଦେବନୀତି ନୀତିକାନ୍ତିରେ ଚାଲିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତି ୧୦୮ ଗରା ଅଧିବାସ ଜଳରେ ସ୍ନାନ ପରେ ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ ନେଇଛନ୍ତି। ସେବକ ମାନେ ଅସୁସ୍ଥ ହୋଇଥିବା ପ୍ରଭୁଙ୍କୁ ସୁସ୍ଥ କରିବା ପାଇଁ ଶ୍ରୀଅଙ୍ଗରେ ଉପଚାର କରୁଛନ୍ତି। ବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି ହେବା ପାଇଁ ଫୁଲୁରି ତେଲ ଆଣିବା ସକାଶେ ଜିଲା ଆଦିତ୍ୟ ବାହିନୀର ରଞ୍ଜନ କୁମାର ବାରିକ, ବିଜୟ କୁମାର ମହାନ୍ତ ପୁରୀ ଯାଇ ଶ୍ରୀ ଜଗନ୍ନାଥ ମନ୍ଦିରରୁ ତେଲ ନେଇ ଶନିବାର ମଲ୍ଲୀପଶିରେ ପହଞ୍ଚିଛନ୍ତି। ମଲ୍ଲୀପଶି ରଥଯାତ୍ରା କମିଟିର ଆବାହକ ପାର୍ଥସାରଥୀ ବେଜଙ୍କ ନେତୃତ୍ୱରେ ସଦସ୍ୟମାନେ ସେମାନଙ୍କୁ ଶଙ୍ଖ, ହୁଳହୁଳି ପକାଇ ସ୍ୱାଗତ କରିବା ପରେ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ରେ ନେଇଥିଲେ।

# ରଜ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା

**ଭଦ୍ରକ ଅଫିସ, ୨୫।୬**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଭଦ୍ରକ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶନିବାର ରଜ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଏହି ମହୋତ୍ସବ ପାଳନ କରାଯାଇଥିବା ବେଳେ ରଜ ଦୋଳି ଖେଳ ସହ ପାରମ୍ପରିକ ରଜ ଗୀତ, ପିଠା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରଜ ଦୋଳି ପ୍ରସ୍ତୁତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତଥା ପୂର୍ବତନ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇଥିଲେ। କେଶବ ଚନ୍ଦ୍ର ଜେନା, ରାମଚନ୍ଦ୍ର ପଣ୍ଡା ଓ ପୂର୍ବତନ ଓଡ଼ିଆ ବିଭାଗ ଅଧ୍ୟାପିକା ରାଧାରାଣୀ ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ସଂସ୍କୃତି ପ୍ରବର୍ତ୍ତକ ଶ୍ରୀକାନ୍ତ ଖୁଣ୍ଟିଆ ସହଯୋଗ କରିଥିଲେ। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ନଗର କଳା ସଂସ୍କୃତି ସଂଘ ସଭାପତି ନରେନ୍ଦ୍ର ପ୍ରସାଦ ପରିଡ଼ାଙ୍କ ସମେତ ବିଭିନ୍ନ ବ୍ଲକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକାର ପିଠା।

# 'ମୌଳିକ ଲକ୍ଷ୍ୟଠାରୁ ଦୂରେଇ ଯାଉଛି ଓଡ଼ିଆ ଭାଷା'

**ବାଲେଶ୍ୱର ଅଫିସ, ୨୫।୬**


ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷା' ଓ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଭାଷା' ଶୀର୍ଷକ ରାଜ୍ୟସ୍ତରୀୟ ଭାଷା ସଂପାନ-୨୦୨୨ ଅନୁଷ୍ଠିତ ହୋଇଛି।

ଓଡ଼ିଆ ଭାଷା ପ୍ରତିଷ୍ଠାନ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ମାତୃଭାଷା ପ୍ରତି ଏକ ବୀତସ୍ପୃହ ମନୋଭାବ ପୋଷଣ ହେତୁ ସମ୍ପ୍ରତି ଓଡ଼ିଆ ଭାଷା ନିଜର ସ୍ୱତନ୍ତ୍ର ମୌଳିକ ଲକ୍ଷ୍ୟଠାରୁ ଦୂରେଇ ଯାଉଛି। ବିଭିନ୍ନ ସ୍ଥାନରେ ବିକୃତ ରୂପରେ ଦେଖିବାକୁ ମିଳୁଛି। ଏହା ଓଡ଼ିଆ ଭାଷାର ଅସ୍ମିତା ପ୍ରତି ଆଦୌ ଶୁଭଙ୍କର ନୁହେଁ ବୋଲି ପ୍ରକାଶ କରିଥିଲେ। ଭାଷା ପ୍ରତିଷ୍ଠାନର ଅନ୍ୟତମ ସଂଯୋଜକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗଦେଇ ନାବନ୍ୟାୟିକ ସର୍ଜନବୋଧ ଓ ନିରୁତା ଓଡ଼ିଆ ଭାଷାର ସାହିତ୍ୟକୃତି ଆଧୁନିକ ସାହିତ୍ୟ କ୍ଷେତ୍ରରେ ଫକୀରମୋହନଙ୍କଠାରୁ ଆରମ୍ଭ କରି ଏଯାବତ୍ ଓଡ଼ିଆ ଭାଷାର ସ୍ୱରୂପସ୍ଥିତିକୁ ଅକ୍ଷୁର୍ଣ୍ଣ ରଖିଆସିଛି। ଗଣେଷଣାତ୍ମକ ଦୃଷ୍ଟିକୋଣରୁ ଓଡ଼ିଆ ଭାଷାର ଅଧ୍ୟୟନ ଓ ସଚେତନଶୀଳ ରହି ବିଚିତ୍ର ମାନବୀୟ ଅନୁଭବଗୁଡ଼ିକର ଆଦାନପ୍ରଦାନ ଆମ ଭାଷାକୁ ମୂଲ୍ୟବୋଧ ଭିତ୍ତିକ କରିପାରିବ ବୋଲି ମତ ଦେଇଥିଲେ। ସେହିପରି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଆଫିସିକ ଓଡ଼ିଆ ଭାଷା ବ୍ୟବହାରର କୌଶଳ ଶିକ୍ଷା ଓ ତା'ର ପ୍ରାସଙ୍ଗିକତା ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। ସୁସାହିତ୍ୟିକ ଡ. ଗିରୀଶ ଚନ୍ଦ୍ର ସାହୁ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖଙ୍କ ସମେତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, କାର୍ଯ୍ୟକ୍ରମ ସଂଯୋଜକ ଡ. ଦେବାଶିଷ ପାତ୍ର ଓ ବିଭାଗ ମୁଖ୍ୟ ଡ. ସୋନାଲି ଦାସ ଉପସ୍ଥିତ ରହି ଭାଷା ସମ୍ପର୍କିତ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଚମ୍ପୁଆ ରେଞ୍ଜ୍‌ରେ ଲାଗିବ ୧ଲକ୍ଷ ୮୧ ହଜାର ଗଛ



ଚମ୍ପୁଆ,୨୫।୬(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଚମ୍ପୁଆ, ଉଖୁଣ୍ଡା, ବାମେବାରୀ ଓ ବାଲିବନ୍ଧ ସେକ୍ସନରେ ଚଳିତବର୍ଷ ୧ଲକ୍ଷ ୮୧ହଜାର ବୃକ୍ଷରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତ ସୂଚନା ଦେଇଛନ୍ତି। ବାମେବାରୀ ସେକ୍ସନର କାଳିଆପାଳ, ଯୋଡା, ନଇବୁଗା, ଚମ୍ପୁଆ ସେକ୍ସନର କାଳିକାପ୍ରଶାଦ, ମୁକୁନ୍ଦପୁର, ଚମକପୁର, କର୍ବଁଡା, ଚମ୍ପୁଆ ଓ ବୈତରଣୀ ପୂର୍ବ, ଉଖୁଣ୍ଡା ସେକ୍ସନର କେମୁଣ୍ଡିଆ ରେଙ୍ଗାଲବେଡା ସାହି, ବାଙ୍କିଆ ଓ ବାସୁଦେବପୁର ଆଦି ଅଞ୍ଚଳରେ ଏହି ବୃକ୍ଷରୋପଣ କରାଯିବ। ବିଶେଷ ଭାବରେ ଶାଳ, ପିଆଶାଳ, ଅସନ, ଅର୍ଜୁନ, ନିମ୍ବ, ଗମ୍ଭାରୀ, ଅଶୋକ, ଶିଶୁ, ଅଁଳା, ଫାସି, ହରିଡା, ବାହାଡା, ତେନ୍ତୁଳି, ଜାମୁ, ବର, ଓସ୍ତ, ଆମ୍ବ, ପାଟୁଳି, ରିଠା ଓ କୁଶୁମ ଆଦି ପ୍ରଜାତିର ବୃକ୍ଷରୋପଣ କରାଜିବା।

### ୪ ଦଫା ଦାବିରେ ପ୍ରଶାସନର ଦ୍ୱାରସ୍ଥ ବିକଳାଙ୍ଗ ମଞ୍ଚ

ଭଣ୍ଡାରିପୋଖରୀ, ୨୫।୬-ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ସାହୁ ଯୋଗଦେଇ ଦିବ୍ୟାଙ୍ଗ ଭଉଣୀ ଭାଇମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ପହଞ୍ଚାଇବାକୁ ଦୃଢ଼ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ। ସାମାଜିକ କର୍ମୀ ରାଜେଶ ବାରିକ ସରକାରଙ୍କ ଯୋଜନାକୁ ଦିବ୍ୟାଙ୍ଗମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନ ସଦା ତତ୍ପର ରହିବା ଉଚିତ ବୋଲି ମତ ରଖିଥିଲେ। ବୈଠକ ଶେଷରେ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବିଡିଓଙ୍କୁ ଭେଟି ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷକରି ଜଣେ ଦିବ୍ୟାଙ୍ଗ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇବା, ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ବସୁନ୍ଧରା ଯୋଜନାରେ ଜାଗା ଓ ପ୍ରତ୍ୟେକ ମାସ ୧୫ ତାରିଖ ସୁଦ୍ଧା ଭତ୍ତା ଯୋଗାଇଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନୁରୂପ ଭାବେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସଭାପତି ଭାସ୍କର ଜେନା, କେଶବ ସାହୁ, ଯଦୁମଣି ଦାସ, ଉମାକାନ୍ତ ସେଠୀ, ଗଙ୍ଗାଧର ସେଠୀ, ସଞ୍ଜୁଲତା ସାହୁ, ବଂକୁଲି ସେଠୀ, ରାଜଶ୍ରୀ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଭାଜପାର କଳା ଦିବସ ପାଳିତ

କେନ୍ଦୁଝର, ୨୫।୬(ସ୍ୱ.ପ୍ର.): ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୯୭୫ରୁ ୧୯୭୭ ଦୁଇ ବର୍ଷ ଧରି ଜରୁରୀକାଳୀନ ଶାସନକୁ ବିରୋଧ କରି ଜୁନ ୨୫କୁ ଭାଜପା କଳା ଦିବସ ଭାବେ ପାଳନ କରିଛି। ଏହି ସମୟରେ  କାରାବରଣ କରିଥିବା ସ୍ୱୟଂ ସେବକ ମାନଙ୍କୁ କେନ୍ଦୁଝର ଜିଲା ଭାଜପା ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏହାକୁ ବିରୋଧ କରି କାରାବରଣ କରିଥିବା କେନ୍ଦୁଝରର ସ୍ୱୟଂ ସେବକ  ସତ୍ୟନାରାୟଣ ମହାପାତ୍ର ଓ ଆନନ୍ଦପୁର ଅଞ୍ଚଳର ପୂର୍ବତନ ବିଧାୟକ କ୍ଷୀରୋଦ ସ୍ୱାଇଁ, ଗଦାଧର ମିଶ୍ର ଓ ବର୍ତ୍ତମାନ ଆନନ୍ଦପୁର ମ୍ୟୁନିସିପାଲଟି ପୌର ଉପାଧ୍ୟକ୍ଷ  ଦୁର୍ଗା ପ୍ରସାଦ ଦଳେଇଙ୍କୁ  ଜିଲା ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଅଛି। ଜିଲା ଭାଜପା ଉପସଭାପତି ଗଣେଶ୍ୱର ମହାନ୍ତ ଏବଂ ଗୋପୀନାଥ ରାମ, କେନ୍ଦୁଝର ନଗରପାଳ ଅଧକ୍ଷା ନିକୁ ସାହୁ, ଜିଲା ଭାଜପା ସମ୍ପାଦକ ଶିବ କୁମାର ରାଠୋର, ସମ୍ପାଦିକା କଳ୍ପନା ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ ପ୍ରମୁଖ ମହାପାତ୍ରଙ୍କ ବାସଭବନ କୁ ଯାଇ ସମ୍ବର୍ଦ୍ଧିତ କରିବା ସହିତ ସେ ସମୟର ଘଟଣାବଳୀ ବିଷୟରେ ଆଲୋଚନା କରିଥଲେ। ସେହିପରି  ଘଷିପୁରା ର୍ନିବାଚନ ମଣ୍ଡଳୀର ବରିଷ୍ଠ ଭାଜପା  ନେତା ଦେବେନ୍ଦ୍ର ଜେନାଙ୍କ ନେତୃତ୍ୱରେ ଖାଲିଆମେଣ୍ଟା ମଣ୍ଡଳ ସଭାପତି ବିକାଶ ଜେନା, ଜିଲା ମହିଳା ସମ୍ପାଦିକା ଦୀପାଞ୍ଜଳୀ ଭୂୟାଁ ଆଦି ସେମାନଙ୍କ ବାସଭବନରେ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଖତ ଖାଉଛି ୨୦୦ କୁଇଣ୍ଟାଲ ଫାଇଲିନ ଚାଉଳ

**ବାହାନଗା, ୨୫।୬(ଡି.ଏନ.ଏ.)**

ଫାଇଲିନ ବାତ୍ୟାକୁ ପୂରିଲାଣି ୮ବର୍ଷ ୬ମାସ। ହେଲେ ଫାଇଲିନରେ କ୍ଷତିଗ୍ରସ୍ତ ପରିବାର ଲାଗି ରିଲିଫ୍ ବାବଦକୁ ଆସିଥିବା ୨ଶହରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଚାଉଳ ଏବେ ବି ପଞ୍ଚାୟତ ଗୋଦାମରେ ପଡିରହିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ ବାହାନଗା ପଞ୍ଚାୟତରେ।

୨୦୧୩ ଅକ୍ଟୋବର ୧୨ତାରିଖରେ ଘୂର୍ଣ୍ଣିବାତ୍ୟା ଫାଇଲିନ୍ ଓଡିଶା ରାଜ୍ୟ ଉପକୂଳରେ ମାଡ଼ ହୋଇଥିଲା। ଏଥିରେ ବହୁ ଜନଜୀବନ ସମେତ ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସରକାର ବାତ୍ୟା ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣାରେ ରିଲିଫ୍ ବାବଦକୁ ଚାଉଳ ଯୋଗାଇ ଦେଇଥିଲେ। ଯୋଗାଣ ବିଭାଗ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ପ୍ରତି ପଞ୍ଚାୟତକୁ ଶହ ଶହ କୁଇଣ୍ଟାଲ ଚାଉଳ ଲୋକଙ୍କୁ ବାଣ୍ଟିବା ପାଇଁ ଯୋଗାଇ ଦେଇଥିଲେ। ମାତ୍ର ସେହି ଚାଉଳ ଲୋକଙ୍କୁ ଦେବା ପରେ ଆହୁରି ୨ଶହରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଚାଉଳ କିପରି ବଳିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫାଇଲିନ ହେବାର ୮ବର୍ଷ ୬ ମାସ ବିତିଯାଇଥିଲେ ମଧ୍ୟ ସେ ବାବଦକୁ ଆସିଥିବା ରିଲିଫ୍ ଚାଉଳ ଲୋକଙ୍କୁ ନ ବାଣ୍ଟି କ'ଣ ପାଇଁ ପଞ୍ଚାୟତରେ ଏବେ ଚାଉଳ ଗଚ୍ଛିତ ରଖାଯାଇଛି। ଯଦି କ୍ଷତିଗ୍ରସ୍ତ ଲୋକଙ୍କୁ ଚାଉଳ ବଣ୍ଟାଯାଇଛି ତା' ହେଲେ ବଳକା ଚାଉଳ ଯୋଗାଣ ବିଭାଗକୁ କାହିଁକି ଫେରାଇ ଦିଆଯାଇନାହିଁ। ଏତେ ବର୍ଷ ହେଲାଣି ପଞ୍ଚାୟତ ଗୋଦାମରେ କ'ଣ ପାଇଁ ଗଚ୍ଛିତ ହୋଇରହିଛି। ପଞ୍ଚାୟତ ଗୋଦାମରେ ରହିଥିବା ଚାଉଳ ଏବେ ପୋକ ସାଲୁବାଲୁ ହୋଇ ନଷ୍ଟ ହୋଇଯିବଣି। ଅନ୍ୟପକ୍ଷରେ ଗୋଦାମ ଘର ଭିତରେ ମୂଷା ଓ ସାପ ରହିଥିବା ଅନୁମାନ କରାଯାଉଛି। କାରଣ ଗୋଦାମ ଘରର ଚାବି କାହାପାଖରେ ଅଛି ତାହା



ଚାଉଳ ଥିବା ଗୋଦାମ ଗୃହ।

କେହି କହିପାରୁନାହାନ୍ତି। ଗୋଦାମ କବାଟ ପାଖରେ ମୂଷା ତାଡି ମାଟି ଭର୍ତ୍ତି କରିଥିବା ଦେଖାଯାଉଛି। ଗଚ୍ଛିତ ଚାଉଳ ବାବଦରେ ବର୍ତ୍ତମାନର ସରପଞ୍ଚ ବ୍ରଜେନ୍ଦ୍ର କୁମାର ପଣ୍ଡା କହନ୍ତି ଗୋଦାମ ଘରର ଚାବି ମୋ ପାଖରେ ନାହିଁ। ମୁଁ ଦାୟିତ୍ୱ ନେବା ପରେ ପୂର୍ବତନ ସରପଞ୍ଚଙ୍କୁ ଚାବି ବାବଦରେ ମାଗିବାରୁ ତାଙ୍କ ନିକଟରେ ନାହିଁ ବୋଲି କହିଥିଲେ। ଏ ବାବଦରେ ସରପଞ୍ଚ ବାହାନଗା ବିଡିଓ, ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ପଦକ୍ଷେପ ନେଉନାହାନ୍ତି। ସରପଞ୍ଚ ପଣ୍ଡା ତା୨୩।୫।୨୨ରିଖରେ ବାଲେଶ୍ୱର ଜିଲାର ତତ୍କାଳୀନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ  କେହି ଗୋଦାମ ଖୋଲି

### ୮ବର୍ଷ ହେଲା ପଞ୍ଚାୟତ ଗୋଦାମରେ ପଡିରହିଛି

ଚାଉଳର ସ୍ଥିତ କଣ ସେ ବିଷୟରେ କିଛି ପଦକ୍ଷେପ ନେଉନାହାନ୍ତି। ଏ ବିଷୟରେ ବାହାନଗା ବିଡିଓ ଦାୟିତ୍ୱରେ ଥିବା ସୋର ବିଡିଓ ସୁଶାନ୍ତ କୁମାର ବାରିକ କହନ୍ତି ମୁଁ ଦାୟିତ୍ୱ ନେବାର ୧୫ଦିନ ହୋଇଛି ସେ ବାବଦରେ କିଛି କହିପାରିବି ନାହିଁ। ମୋ ପାଖରେ କେହି କିଛି ଅଭିଯୋଗ କରିନାହାନ୍ତି । ୨୦୧୩ରେ ଥିବା ବିଡିଓ ଓ ତହସିଲଦାରଙ୍କ ସମେତ ସରପଞ୍ଚ ସେମାନେ ଫାଇଲିନ୍ ଚାଉଳ ଗଚ୍ଛିତ ହୋଇ ରହିବା ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଦେଇପାରିବେ। ସରପଞ୍ଚ ପଣ୍ଡା କହନ୍ତି ଜିଲାପାଳଙ୍କୁ ଅଭିଯୋଗ କରିବା ପରେ କେହି କିଛି ବୁଝୁନାହାନ୍ତି । ତେବେ ମୁଁ ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ଯାଇ ଏସ୍‌ଆରସିଙ୍କଠାରେ ଅଭିଯୋଗ କରିବି ବୋଲି ପ୍ରକାଶ କରିଛନ୍ତି ।

## ପୋଲରୁ ଖସି ବୃଦ୍ଧ ମୃତ

**ଭଦ୍ରକ ଅଫିସ, ୨୫।୬**

ବିବାହ ଉତ୍ସବରୁ ଚାଲି ଚାଲି ଫେରୁଥିବା ବେଳେ ପୋଲରୁ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ସଦର ବ୍ଲକ ବାଣିତିଆ ପଞ୍ଚାୟତ କୁଡ଼ିଆମାଳ ଗ୍ରାମର ବାବାଜୀ ଜେନା। ସୂଚନା ଅନୁଯାୟୀ, ବାବାଜୀ ଶୁକ୍ରବାର ରାତିରେ ପଡ଼ୋଶୀଙ୍କ ବିବାହ ଉତ୍ସବରେ ବରଯାତ୍ରୀ ହୋଇ ଭଦ୍ରକ ବେତଡ଼ା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଉକ୍ତ ଗ୍ରାମର ଏକ ପୋଲ ତଳକୁ ଖସି ପଡ଼ିଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ପୋଲ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବାର ଦେଖି ତାଙ୍କୁ ତୁରନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# 'ଗଣତନ୍ତ୍ରର ହତ୍ୟା ନ କରିବାକୁ ଆଗାମୀ ପିଢ଼ିଙ୍କୁ ଆହ୍ୱାନ'




କଳା ଦିବସ ପାଳନ ଅବସରରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୨୫।୬**

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଶନିବାର କଳା ଦିବସ ପାଳିତ ହୋଇଛି। ୧୯୭୫ ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ କ୍ଷମତାର ଦୁରୁପଯୋଗ କରି ନିଜର ରାଜନୈତିକ ସୁରକ୍ଷା ପାଇଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଫଳରେ ଲୋକଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଥିଲା। ସରକାରଙ୍କ କାର୍ଯ୍ୟକଳାପକୁ ଯିଏ ବିରୋଧ କଲେ ତାଙ୍କୁ ଗିରଫ କରି ଜେଲରେ ପୂରାଇ ଦିଆଗଲା। ସେବେଠାରୁ ଏହି ଦିନକୁ କଳାଦିବସ ରୂପେ ଦେଶ ପାଳନ କରିଆସୁଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସଞ୍ଚାଳନ କରିଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ନିର୍ଯାତନାର ଶିକାର ହୋଇଥିବା ଶୁଭଙ୍କର ମହାପାତ୍ର ଓ ଯୋଗେନ ଚନ୍ଦ୍ର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ସେ ସମୟର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସେ ସମୟରେ ସାଧାରଣ ଲୋକଙ୍କ ଉପରେ ପୋଲିସର ଅତ୍ୟାଚାର ବିଷୟରେ ମନେ ପକାଇଥିଲେ। ଦଳର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରି କହିଥିଲେ, ଆଗାମୀ ପିଢ଼ି ଯେପରି ଗଣତନ୍ତ୍ରର ହତ୍ୟା ନ କରନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୃଢ଼ ନେତୃତ୍ୱ ବଳରେ ଦେଶ ଜାତୀୟ ଆନ୍ତର୍ଜାତିକ କ୍ଷେତ୍ରରେ ବଳଶାଳୀ ହେବା ସହ ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିବା କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ଜିଲା ଉପସଭାନେତ୍ରୀ କମଳା ବିନ୍ଧାଣି, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ରଞ୍ଜିତ ପୃଷ୍ଟି, ସୁବୋଧ ଚନ୍ଦ୍ର ପଣ୍ଡା, ମମତା ମହାପାତ୍ର, ଶୈଳେନ୍ଦ୍ର ପ୍ରସାଦ ଦାଶ, ହୃଷିକେଶ ପାତ୍ର, ଶୋଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ଧାମନଗର,୨୫।୬(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକର କୋଠାର ଦିନାଜପୁରରୁ ଏକ ବରଯାତ୍ରୀ ଗାଡ଼ି ଶୁକ୍ରବାର ବିଳମ୍ବିତ ରାତିରେ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ବସିଥିବା ୧୦ ବରଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତରମାନେ ହେଲେ ଧାମନଗର ଏନ୍‌ଏସି ଅଧୀନ ବରଗଡ଼ିଆ ଗ୍ରାମର ଶଶିକାନ୍ତ ପ୍ରଧାନ(୫୫), ପ୍ରଶାନ୍ତ ସାମଲ(୪୦) ଓ ବିକାଶ ସାମଲ(୧୭)।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ିଆ ଗ୍ରାମରୁ ଉକ୍ତ ବରଯାତ୍ରୀ ବୋଲେରୋରେ କୋଠାର ଦିନାଜପୁରକୁ ଯାଇଥିଲେ। ବିଳମ୍ବିତ ରାତିରେ ଫେରୁଥିବା ବେଳେ ଭଣ୍ଡାରିପଦୀ ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଗାଡ଼ି ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତରମାନଙ୍କୁ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ୫୨୮ ଗାଁ ବାଲ୍ୟ ବିବାହ ମୁକ୍ତ

### ଜିଲାସ୍ତରୀୟ ଶିଶୁ ସୁରକ୍ଷା ତଥା ଟାସ୍କ ଫୋର୍ସ କମିଟି ବୈଠକ

**ବାରିପଦା ଅଫିସ, ୨୫।୬**

ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଫେସିଲିଟେସନ ସେଣ୍ଟରରେ ଜିଲାସ୍ତରୀୟ ଶିଶୁ ସୁରକ୍ଷା ତଥା ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ପାଇଁ ବାଲ୍ୟ ବିବାହ ଏକ ଆହ୍ୱାନ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ–୫ ରିପୋର୍ଟ ଅନୁଯାଇ ବାଲ୍ୟବିବାହ ଦୃଷ୍ଟିରୁ ମୟୂରଭଞ୍ଜ ରାଜ୍ୟସ୍ତରରେ ୬ଷ୍ଠ ସ୍ଥାନରେ ରହିଛି। ସେହି ଦୃଷ୍ଟିରୁ ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫ୍ ଆକ୍ସନ ଏଡ୍ ମିଳିତ ଭାବେ ବାଲ୍ୟବିବାହ ବନ୍ଦ କରିବାପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ଖସଡ଼ା ଅନ୍ତର୍ଗତ କାର୍ଯ୍ୟ ଭାବରେ ଗ୍ରାମଗୁଡ଼ିକୁ ବାଲ୍ୟବିବାହମୁକ୍ତ କରିବାପାଇଁ ପ୍ରୟାସ ଜାରିରହିଛି। ଏହି କ୍ରମରେ ମୟୂରଭଞ୍ଜର ୨୨୭ ଗ୍ରାମକୁ ଜିଲାପ୍ରଶାସନ ଦ୍ୱାରା ୨୦୨୧ରେ ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଥିଲା। ଏହି ଜିଲାସ୍ତରୀୟ ଟାସ୍କ ଫୋର୍ସ ସମୀକ୍ଷା ବୈଠକରେ ଜିଲାପାଳ ନୂତନ ୩୦୧ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ବୋଲି ଘୋଷଣା କରିଛନ୍ତି। ଏହି ଗ୍ରାମଗୁଡ଼ିକୁ ମିଶାଇ ମୟୂରଭଞ୍ଜର ୫୨୮ଟି ବାଲ୍ୟବିବାହ ମୁକ୍ତ ଗ୍ରାମ ହୋଇପାରିଛି।

କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ୍‌ର ଟିମ୍ ମେମ୍ବର ଅଜୟ କୁମାର ନାଏକ ଚାଇଲ୍ଡ ଲାଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଲ୍‌ଏସ୍‌ଏ ସଚିବ ସୌମ୍ୟ ରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, ଓରମାସର ଡେପୁଟି ସିଇଓ ବିମାନ ମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଭାସତୀ ବାରିକ୍, ଆକ୍ସନ ଏଡ୍‌ର ଜିଲା ସଂଯୋଜକ ପ୍ରକାଶ କୁମାର ବାରିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଆମର କୁମାର ଦେ, କୋଷାଧକ୍ଷ ବ୍ରଜ କିଶୋର ଖୁଣ୍ଟିଆ, ଚନ୍ଦ୍ର ଶେଖର ମହାପାତ୍ର ଓ ଶଙ୍କର ଚନ୍ଦ୍ର କର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ୨ଘଣ୍ଟା ବର୍ଷା: ଯୋଡ଼ାରେ କୃତ୍ରିମ ବନ୍ୟା

### ପାଇପ୍ ଲାଇନ ଖୋଲାକୁ ବିରୋଧ

**ଯୋଡ଼ା,୨୫।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଶନିବାର ପୂର୍ବାହ୍ନରେ ଦୁଇ ଘଣ୍ଟା ଧରି ପ୍ରବଳ ବର୍ଷା ହେବାରୁ ଯୋଡ଼ାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଜନସାଧାରଣ । ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ସମଗ୍ର ରାସ୍ତା,ଜଳମଗ୍ନ ହୋଇ ଘର ଭିତରେ ବର୍ଷା ଜଳ ଲହଡ଼ି ମାରିଥିଲା। ଯୋଡ଼ା ସହରରେ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ଖୋଳା ଯାଉଥିବା ଖଣିଜ ସ୍ଲରି ପାଇପ ଲାଇନ ହେତୁ ଏହି କୃତ୍ରିମ ବନ୍ୟା ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି।

ଏତଦ୍‌ବ୍ୟତୀତ ସହରରେ ନିର୍ମାଣାଧୀନ ଫ୍ଲାଏ ଓଭର ପାଇଁ ବର୍ଷା ଜଳ ନିଷ୍କାସନ ହୋଇପାରି ନ ଥିଲା। ଯୋଡ଼ା ମଙ୍ଗଳା ମନ୍ଦିର, ମହାବୀର ଛକ, ସିଂଘାନିଆ ଟାୱାର ଛକ, କମାର ସାହି, ବସ୍ ଷ୍ଟାଣ୍ଡ, ହନୁମାନ ହଟିଂ ପ୍ରଭୃତି ବହୁ ସ୍ଥାନରେ ୱାଟର ଲଗିଂ ହେତୁ ବାସଗୃହ, ଦୋକାନ, ହୋଟେଲ ପ୍ରଭୃତିରେ ବର୍ଷାଜଳ ଆଣ୍ଠୁଏ ଉଚ୍ଚରେ ପ୍ରବାହିତ ହୋଇଥିଲା। ପାଇପ ଲାଇନ ଖୋଳା ହେବା ହେତୁ ଏହିପରି ବାରମ୍ବାର ଅସୁବିଧା ହେଉଥିବା ବ୍ୟବସାୟୀ ସନାତନ ମହଲା, ହେମନ୍ତ ମହାନ୍ତି, ନିର୍ମଳ ସିଂ ପ୍ରମୁଖ ଅଭିଯୋଗ କରିଥିଲେ। ଏନେଇ କେତେକ ବସ୍ତିବାସୀନ୍ଦା ଅଭିଯୋଗ କରିଥିଲେ ଯେ, ବର୍ଷାଜଳ ନିଷ୍କାସନ ପାଇଁ ପୌରପାଳିକା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସ୍ଲରୀ ପାଇପ୍ ଲାଇନ ଖୋଳ। ହେବା ଫଳରେ ଯୋଡ଼ା ସହରର ବାଂଶପାଣି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇପ ଲାଇନ ଫାଟି ଯାଇଥିବା ଅଭିଯୋଗ କରିଛନ୍ତି। ପୌରପାଳିକା ଜନସାଧାରଣଙ୍କ ଅସୁବିଧାକୁ ଉପେକ୍ଷା କରି ପାଇପ୍ ଲାଇନ ଖୋଲୁଥିବା କମ୍ପାନୀଠାରୁ ରାଜସ୍ୱ ନେଇ କମ୍ପାନୀକୁ ଖୋଳିବାକୁ ଅନୁମତି ଦେଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ କହିଛନ୍ତି ଯେ, ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ପ୍ରଥମେ ଗୁରୁତ୍ୱ ଦିଆଯିବ। ଆବଶ୍ୟକ ପଡିଲେ ବର୍ଷାଦିନ ପାଇଁ ସ୍ଲରି ପାଇପ ଲାଇନ ଖୋଳାକୁ ସ୍ଥଗିତ ରଖାଯିବ।

## ରାଇମୋହନଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ପାଟଣା,୨୫।୬(ସ୍ୱ. ପ୍ର.)**

ଓଡ଼ିଆ ସିନେମା ଜଗତ ତଥା ଯାତ୍ରା ଜଗତର ଜଣାଶୁଣା ଅଭିନେତା ରାଇମୋହନ ପରିଡାଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ତାଙ୍କ ଜନ୍ମମାଟି କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ଗ୍ରାମର ଛାତ୍ର ଏବଂ ଯୁବକ ମାନେ ଶୁକ୍ରବାର ରାତିରେ ରାଇମୋହନଙ୍କ ଫଟୋ ସହ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରରୁ ବାହାରି ରାଇମୋହନଙ୍କ ପୈତୃକ ଘର ପରିକ୍ରମା କରି ମା' ଅନ୍ଧାରୀଙ୍କ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ମହାନ କଳାକାରଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର ପରିଡା, ସିପୁନ ସାହୁ, ବିଭୂତି ସାହୁ, ପ୍ରଣବ ପହି, ଆଦିତ୍ୟ ବାଘେଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୪ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

**ଭଦ୍ରକ ଅଫିସ, ୨୫।୬**

ଭଦ୍ରକ ସହରର ଆରଡ଼ି ଛକରୁ ଗ୍ରାମାଞ୍ଚଳ ପୋଲିସ ଶନିବାର ପୂର୍ବାହ୍ନରେ ୪ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଣାବଜାର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୩ଜଣ ଗେଲପୁର ଅଞ୍ଚଳର। ସେମାନଙ୍କ ନିକଟରୁ ପୋଲିସ ବହୁ ମାରଣାସ୍ତ୍ର ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଏହି ୪ଜଣ ଆରଡ଼ି ଛକ ନିକଟରେ ୩ଟି ବାଇକ୍‌ରେ ଆସୁଥିବା ବେଳେ ପାଟ୍ରୋଲିଂ ପୋଲିସ ଟିମ୍‌ର ସେମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ କାତି, କଟୁରି, ଲୁହାରଡ୍ ଆଦି ବାହାରିଥିଲା। ସେମାନେ ସାମରାଇପୁର ଅଞ୍ଚଳରେ ଡକାୟତି ଓ ସିନ୍ଧିଚୋରି କରିବା ପାଇଁ ଯୋଜନା କରୁଥିଲେ। ପରେ ସେମାନଙ୍କ ଘରୁ ୫ଟି ବାଇକ୍, ଟିଭି, ଡିଜେ ମେଶିନ, ଫ୍ୟାନ୍, ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ, ହାଲୋଜିନ୍ ଲାଇଟ ଓ ଦୁଇଟି ମଟର ପମ୍ପ ଜବତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ମଟର ପମ୍ପ ଚୋରି ଅଭିଯୋଗରେ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୩୨୭/୨୨)ରୁଜୁ ହୋଇଥିଲା। ତେବେ ତଦନ୍ତ ଚାଲିଥିବାରୁ ପୋଲିସ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରିନାହିଁ।



ଗିରଫ ଅଭିଯୁକ୍ତମାନେ।

# କେବଳ ପୂଜାପର୍ବ ପାଇଁ ଘୂରୁଛି କୁମ୍ଭାର ଚକ

**ଆରଡ଼ି,୨୫।୬(ଡି.ଏନ.ଏ.)**

ଦିନ ଥିଲା ହାଣ୍ଡି ମାଠିଆ ଗଢ଼ି ଚଳୁଥିଲା ପରିବାର। ଗାଁରେ ରହିଥିଲା ଏହାର ଚାହିଦା। ମାଟିରେ ତିଆରି ହାଣ୍ଡି, ମାଠିଆ, ସୁରେଇ, ପଲମ, ମାଢିଆ, ଉଠାଚୁଲି, ପୂଜା କଳସ, ସରା ଆଦି ଦୈନନ୍ଦିନ ଜୀବନରେ ଦରକାରୀ ଥିଲା। ଏସବୁ ଗଢ଼ି କୁମ୍ଭକାର ପରିବାର ଜୀବିକା ନିର୍ବାହ କରୁଥିଲେ। ମାତ୍ର ଏବେ ନା ଅଛି ମାଟି ସାମଗ୍ରୀର ଚାହିଦା, ନା ଅଛି ସରକାରୀ ପ୍ରୋତ୍ସାହନ। ତଥାପି ପୁରୁଷ ପୁରୁଷ ଧରି ଏହି କୌଳିକ ବୃତ୍ତିକୁ ଆଦରି ନେଇ ନିଜ ଭିଟାମାଟିରେ ଦୁଃଖକଷ୍ଟକୁ ସାଥି କରି ପଡ଼ିରହିଛନ୍ତି କେତେକ କୁମ୍ଭକାର ପରିବାର।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ଦୋହରାପାଟଣା ଗାଁରେ ପ୍ରାୟ ୨୨ କୁମ୍ଭକାର ପରିବାର ବସବାସ କରୁଛନ୍ତି। ଏବେ ବିଜ୍ଞାନ ଯୁଗରେ ଆଉ ମାଟିରେ ତିଆରି ସାମଗ୍ରୀର ଚାହିଦା ନାହିଁ। ପୂର୍ବ ପରି ଶସ୍ୟ ସାଇତି ରଖିବାକୁ



ଜଣେ କୁମ୍ଭାର ମାଟି ସାମଗ୍ରୀ ଗଢୁଛନ୍ତି।

ବଡ଼ ଘୁମା, ଧାନ ଭିଜେଇବାକୁ ମାଢିଆ, ପିଠା କରିବାକୁ ପଲମ ଆଉ ଆବଶ୍ୟକ ପଡୁନି। ଏହାର ବିକଳ୍ପ ଭାବେ ଆଲୁମିନିୟମ, ଲୁହା ଓ ଅନ୍ୟାନ୍ୟ ଧାତୁରେ ତିଆରି ସାମଗ୍ରୀକୁ ଲୋକେ ଆପଣାଇ ନେଇଛନ୍ତି। ଏବେ କେବଳ ପୂଜା ପର୍ବ ପାଇଁ କୁମ୍ଭାର ଚକ ଘୂରୁଛି। ପୂଜା, ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଯଜ୍ଞ, ଅନ୍ତ୍ୟେଷ୍ଟି କ୍ରିୟାରେ ମାଟି ନିର୍ମିତ ସାମଗ୍ରୀର ଆଦର ରହିଛି। ମା'ଙ୍କ ପୀଠରେ ମାନସିକଧାରୀଙ୍କ ମାଟିଘୋଡ଼ାର ମଧ୍ୟ କେତେକାଂଶରେ ଦରକାର ପଡୁଛି। ସେହିପରି ପରମ୍ପରା ଅନୁସାରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ବିଭିନ୍ନ ଉତ୍ସବରେ ସମସ୍ତ ଉପକରଣ ଏହି କୁମ୍ଭକାର ସମ୍ପ୍ରଦାୟ ଯୋଗାଇଥାନ୍ତି। ବହୁ ପୁରାତନ କାଳରୁ ଶୈବପୀଠରେ ମହାଶିବରାତ୍ରରେ ମାଟି ନିର୍ମିତ ମହାଦୀପ ହିଁ ଏହି କୁମ୍ଭକାର ସମ୍ପ୍ରଦାୟ ତିଆରି କରିଥାନ୍ତି। ତେବେ ମାଟି ସାମଗ୍ରୀ ବିକି ପରିବାର ଚଳାଇବା ଏବେ ସମ୍ଭବ ନୁହେଁ ବୋଲି ଏହି କୁମ୍ଭକାର ପରିବାର କହିଛନ୍ତି। ଏହାବ୍ୟତୀତ ସାମ୍ପ୍ରତିକ ପରିସ୍ଥିତିରେ କରୋନା ମହାମାରୀ ସମୟରେ ସରକାରୀ ସାହାଯ୍ୟ ଆବଶ୍ୟକ। ସମସ୍ତ କୁମ୍ଭକାର ପରିବାରକୁ ମାସିକ ସହାୟତା ରାଶି ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି କୃଷ୍ଣ ମୁଦୁଲି। ମାଟି ହାଣ୍ଡି ଗଢ଼ିବା ଏତେ ସହଜ କଥା ନୁହେଁ। ଏହା ଏକ ପାରମ୍ପରିକ କଳା କୌଶଳ। ତେବେ ଦୋହରାପାଟଣାରେ ଏବେବି ଏହି ପାରମ୍ପରିକ ବୃତ୍ତିକୁ ଆପଣେଇ ଯେଉଁମାନେ ଜୀବିକା ନିର୍ବାହ କରୁଛନ୍ତି, ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳିବା ନିହାତି ଦରକାର ବୋଲି ପୂର୍ବତନ ସରପଞ୍ଚ କିଶୋର ନାୟକ ଦାବି କରିଛନ୍ତି। ଏହି କୁମ୍ଭକାର ପରିବାରକୁ ମାସିକ ୧୦ ହଜାର ଟଙ୍କା ସହାୟତା ମିଳିଲେ ସେମାନଙ୍କ ପରିବାର ଠିକ୍‌ରେ ଚଳିପାରନ୍ତା ବୋଲି ଆଖଣ୍ଡଳମଣି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ ଗୋସ୍ୱାମୀ କହିଛନ୍ତି।

